## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ତେନ୍ତୁଳିଖୁଣ୍ଟି,୩।୪(ଡି.ଏନ୍.ଏ.)- ତେନ୍ତୁଳିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ପରଜା କାମତା ଗାଁରେ ପୋଖରୀରେ ବୁଡ଼ି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୀତାଞ୍ଜଳି ଜାନୀ (୭)। ଗାଁର ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତା ଯୋଗୁ ପଙ୍କରେ ଗୋଡ଼ ପଶିଯାଇଥିଲା। ଚେଷ୍ଟା କରିଥିଲେ ମଧ୍ୟ ଆଉ ବାହାରି ପାରି ନ ଥିଲେ। ଖବର ପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାତପୁଟ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମାମଲା(ନଂ .୪/୨୦୨୩) ରୁଜୁ କରିଛି।

### ଦିଗମ୍ବର ଜୈନ ସମାଜର ଶୋଭାଯାତ୍ରା



ନବରଙ୍ଗପୁର,୩।୪(ବି.ପ୍ର.)- ନବରଙ୍ଗପୁର ଜୈନ ସମାଜ ପକ୍ଷରୁ ସୋମବାର ମହାବୀର ସ୍ୱାମୀଙ୍କ ୨୬୨୨ ତମ ଜନ୍ମ ମହୋତ୍ସବ ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଛି। ପୂର୍ବାହ୍ନ ୯ଟାରେ ଦିଗମ୍ବର ଜୈନ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ବାହାରି ଗାନ୍ଧୀ ଛକ, ମୌଲାନ ଆଜାଦ ମାର୍ଗ, ପୁରୁଣା କୃଷକ ବଜାର ଦେଇ ଜଗନ୍ନାଥ ମନ୍ଦିର ଦେଇ ଦିଗମ୍ବର ମନ୍ଦିରରେ ପହଞ୍ଚି ଥିଲା। ଜୈନ ସମ୍ପ୍ରଦାୟର ଯୁବତୀଯୁବକମାନେ ବହୁ ସଂଖ୍ୟାରେ ଶୋଭାଯାତ୍ରାରେ ଭାଗନେଇଥିଲେ। ପୂର୍ଣ୍ଣ ଉତ୍ସାହର ସହିତ ଭକ୍ତି ଗୀତରେ ନୃତ୍ୟ କରି ମହାବୀରଙ୍କ ଜପ କରି ଏହି ଶୋଭାଯାତ୍ରାର ଗୌରବ ବଢ଼ାଇ ଥିଲେ। ମହାବୀରଙ୍କର ପ୍ରତିମୂର୍ତ୍ତି ଏକ ବିମାନ ରେ ବସି ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଶୋଭାଯାତ୍ରା ଦିଗମ୍ବର ମନ୍ଦିରରେ ପହଞ୍ଚିବାପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଶୋଭାଯାତ୍ରା ପରେ ସାମାଜିକ ମିଳନ କାର୍ଯ୍ୟକ୍ରମ କରାଯାଇଥିଲା। ଦିଗମ୍ବର ଜୈନ ମନ୍ଦିରରେ ଆୟୋଜିତ ମହାବୀର ଜୟନ୍ତୀ ଉତ୍ସବରେ ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ବିଷ ଖାଇ ବୃଦ୍ଧଙ୍କ ଆତ୍ମହତ୍ୟା

ଡାବୁଗାଁ,୩।୪( ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧନସରା ଗ୍ରାମରେ ବିଷ ଖାଇ ବୃଦ୍ଧଙ୍କ ଆତ୍ମହତ୍ୟା ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ସେ ହେଉଛନ୍ତି ଜଗନ୍ନାଥ ଶବର (୭୦)। ଏଏସ୍ଆଇ ପୁଷ୍ପଲତା ସୁନାନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରିଥିଲେ। ପରେ ମୃତ ଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ରବିବାର ରାତିରେ ଜଗନ୍ନାଥ ଖାଇସାରି ଶୋଇଥିଲେ। ହେଲେ ରାତି ପ୍ରାୟ ୧୨ଟାରେ ସେ ଅସ୍ତବ୍ୟସ୍ତ ହୋଇ ବାନ୍ତି କରିଥିଲେ। ପରିବାର ଲୋକେ ଶବ୍ଦ ଶୁଣି ଉଠି ଦେଖିଲେ ସେ ଅସ୍ତବ୍ୟସ୍ତ ହୋଇ ବାନ୍ତି କରୁଛନ୍ତି। ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ଜଗନ୍ନାଥଙ୍କ ପୁଅ ରାମନାଥ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ପୋଲିସ (ନଂ ୧୫/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ପାଣି ପାଇଁ ସମସ୍ୟା ଭୋଗୁଛନ୍ତି କାମ୍ପ ମାଲିଗାଁବାସୀ

ରାୟଗଡ଼ା ଅଫିସ/ରାୟଗଡ଼ା,(ସ୍ୱ.ପ୍ର.)୩।୪

ରାୟଗଡ଼ା ଜିଲା ଗଠନର ୩୦ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ବହୁ ଗ୍ରାମାଞ୍ଚଳରେ ପାନୀୟ ଜଳର ଅସୁବିଧା ଲାଗି ରହିଛି। ଗ୍ରୀଷ୍ମ ଆରମ୍ଭରୁ ଜିଲାବାସୀ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ପ୍ରଶାସନିକ ଆନ୍ତରିକତା ଅଭାବ ସମସ୍ୟା ସମାଧାନ ହୋଇ ନ ପାରିବାର ମୁଖ୍ୟ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି।

ରାୟଗଡ଼ା ବ୍ଲକ ଅନ୍ତର୍ଗତ କାମ୍ପ ମାଲିଗାଁ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି । ଗ୍ରାମରେ ଥିବା ପାଣି ମୋଟର ୧୦ ଦିନରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇ ପଡ଼ିରହିଛି। ଏହାର ମରାମତି ପାଇଁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିଲାନି। ତେଣୁ ସୋମବାର ସ୍ଥାୟୀ ଲୋକ ଅଦାଲତରେ ଅଭିଯୋଗ କରିଛନ୍ତି କାମ୍ପ ମାଲିଗାଁ ଗ୍ରାମବାସୀ । ଗ୍ରାମରେ ୩୫୦ରୁ ୪୦୦ ଘର ରହିଛି । ହେଲେ ପାନୀୟ ଜଳର ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ। ଗ୍ରାମବାସୀଙ୍କ କହିବାନୁସାରେ ୧୦ ଦିନ ହେଲା ପାଣି ପମ୍ପ କାମ କରୁନାହିଁ। ଯଦ୍ୱାରା ଗାଁର କୌଣସ ଷ୍ଟାଣ୍ଡ ପୋଷ୍ଟ କିମ୍ବା ଘରେ ଲାଗିଥିବା ପାଇପରେ ପାଣି ଆସୁନାହିଁ । ପାନୀୟ ଜଳ ଟୋପାଏ ପାଇବା ମୁସ୍କିଲ ହୋଇଯାଉଛି । ସମସ୍ୟା ସମଧାନ ପାଇଁ ଗ୍ରାମବାସୀ ବାରମ୍ବାର କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ ବୋଲି ଗ୍ରାମର ବି.ଗୋବିନ୍ଦ ପଟନାୟକ କହିଛନ୍ତି । ଏଣୁ ଗ୍ରାମବାସୀ ପଞ୍ଚାୟତ ସମିତି ଆଇନ ସହାୟତା ସେଲ ଓ ସ୍ଥାନୀୟ ସରପଞ୍ଚ କବିତା ହୁଇକାଙ୍କୁ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଶୁକ୍ରବାର ପଞ୍ଚାୟତ ସମିତି ଆଇନ ସହାୟତା ସେଲର ଆଇନଜୀବୀ ୱାଇ.ଶ୍ରୀନିବାସ ଓ ଦମୟନ୍ତୀ ମହାନନ୍ଦିଆ କାମ୍ପ ମାଲିଗାଁକୁ ଯାଇ ଘଟଣାର ତଦନ୍ତ କରିଥିଲେ । ତଦନ୍ତ ଅନୁସାରେ ସେଠାରେ ପାଣି ପମ୍ପ ଅଚଳ ଯୋଗୁଁ ପାନୀୟ ଜଳର ସମସ୍ୟା ଦେଖାଦେଇଛି । ଏହାକୁ ଭିତ୍ତିକରି ସୋମବାର ପଞ୍ଚାୟତ ସମିତି ଆଇନ ସହାୟତା ସେଲ ସହଯୋଗରେ ସ୍ଥାୟୀ ଲୋକ ଅଦାଲତରେ ଗ୍ରାମବାସୀ ଅଭିଯୋଗ ଦାଖଲ କରିଛନ୍ତି। ଏହି ଅଭିଯୋଗ ଦାଖଲ ସମୟରେ ଗ୍ରାମବାସୀଙ୍କ ସହିତ ଆଇନଜୀବୀ ୱାଇ.ଶ୍ରୀନିବାସ, ବାବୁ ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଏନେଇ ସ୍ଥାୟୀ ଲୋକ ଅଦାଲତ ବିଚାରପତି ନିବେଦିତା ପଣ୍ଡା ପାଣି ପମ୍ପ ଶୀଘ୍ର ମରାମତି ପାଇଁ ନିର୍ଦ୍ଦେଶ ଦିଆଯିବ ଏବଂ ସମସ୍ୟାର ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି । ଅନ୍ୟପକ୍ଷରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦୀପ୍ତିମୟୀ ବାଟଲାଭଦ୍ରାଙ୍କୁ ପଚାରିବାରୁ, ପାଣି ମୋଟର ପମ୍ପ ଅଚଳ ନେଇ ରବିବାର ଗ୍ରାମବାସୀ ଜଣାଇଥିଲେ ଏବଂ ସୋମବାର ଏହାର ମରାମତି କରିଦିଆଯାଇଛି ବୋଲି କହିଛନ୍ତି। ଏ ନେଇ ଆର୍‌ଡବ୍ଲ୍ୟୁଏସ୍ଏସ୍ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ଜେନା କହିଛନ୍ତି, ପଞ୍ଚାୟତରେ ମୋଟର ଖରାପ ହେଲେ ମରାମତି କରିବା ପାଇଁ ଫଣ୍ଡ ରହିଛି। ହେଲେ କାହିଁକି ମରାମତି ହୋଇ ନ ଥିଲା ବିଭାଗୀୟ ଅଧିକାରୀଙ୍କଠାରୁ ବୁଝିବେ ବୋଲି କହିଛନ୍ତି।


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ସ୍ଥାୟୀ ଲୋକ ଅଦାଲତରେ ଅଭିଯୋଗ**

# ସୁନାବେଶରେ ଝଟକୁଛନ୍ତି ମା' ମଝିଘରିଆଣୀ


ମା' ମଝିଘରିଆଣୀ।

ରାୟଗଡା ଅଫିସ,୩।୪

ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଚୈତ୍ରପର୍ବ ଝାମୁ ଯାତ୍ରା ଗତ ୧ ତାରିଖରୁ ଆରମ୍ଭ ହୋଇଛି । କରୋନା ମହାମାରୀ ପାଇଁ ଦୁଇ ବର୍ଷ ଯାତ୍ରା ସମ୍ପୂର୍ଣ୍ଣ ବନ୍ଦ ଓ ଗତବର୍ଷ କଟକଣା ମଧ୍ୟରେ ହୋଇଥିଲା। ଚଳିତବର୍ଷ କଟକଣା ସମ୍ପୂର୍ଣ୍ଣ ହଟି ଯାଇଥିବାରୁ ଚୈତ୍ର ଯାତ୍ରାରେ ପ୍ରବଳ ଜନ ସମାଗମ ହେଉଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଆସି ମାନସିକ କରି ମା'ଙ୍କର ସାନିଧ୍ୟ ଲାଭ କରୁଛନ୍ତି । ମା' ମଝିଘରିଆଣୀ ଶ୍ରଦ୍ଧାଳୁଙ୍କୁ ସୁନା ବେଶରେ ଦର୍ଶନ ଦେଉଛନ୍ତି। ଫୁଲରେ ସଜେଇ ହୋଇଛନ୍ତି ମା'। ପୂଜାମନ୍ତ୍ର, ହୋମ ଯଜ୍ଞରେ ମନ୍ଦିର ପ୍ରକମ୍ପିତ ହେଉଛି। ଯାତ୍ରା ୫ ଦିନ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା ଟ୍ରଷ୍ଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ କରାଯାଇଛି। ସୋମବାର ପୂଜାର ୩ୟ ଦିନ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ମାନସିକ ଧାରୀ ମାନେ ଘଟ ହାଣ୍ଡିକୁ ମୁଣ୍ଡରେ ଧରି ସହର ପରିକ୍ରମା କରିଛନ୍ତି। ଘଣ୍ଟ ବାଦ୍ୟ ମଧ୍ୟରେ ଶୋଭାଯାତ୍ରା କରାଯାଇଛି। ଝାମୁ ଯାତ୍ରା ଦେଖିବାକୁ ଦୂର ଦୁରାନ୍ତରୁ ବହୁ ଭକ୍ତ ଆସୁଥିବା ଦେଖିବାକୁ ମିଳୁଛି ।

**ପୀଠରେ ଚାଲିଛି ଝାମୁଯାତ୍ରା**

# ମିଲ୍‌ରୁ ୪.୫ ଲକ୍ଷ ଟଙ୍କାର କାଜୁ ଚୋରି ଘଟଣାରେ ୨ ଗିରଫ

ନବରଙ୍ଗପୁର,୩।୪(ବି.ପ୍ର.)

କାଜୁ ମିଲ୍‌ରୁ ଲକ୍ଷାଧିକ ଟଙ୍କାର କାଜୁ ଚୋରିକରି ପୋଲିସ ହାତରେ ଧରାପଡ଼ିଛନ୍ତି ୨ ଯୁବକ। ଅଭିଯୁକ୍ତମାନେ ହେଲେ ବିଜରାଗୁଡ଼ା ଗ୍ରାମର ନରହରି ଭତରା ଏବଂ ପ୍ରହଲ୍ଲାଦ ହରିଜନ। ସେମାନଙ୍କଠାରୁ ନଗଦ ୧ଲକ୍ଷ ୬ ହଜାର ଟଙ୍କା ସହ ଏକ କୁଇଣ୍ଟାଲ ୫ କିଲୋ କାଜୁ ଜବତ କରାଯାଇଥିବା ନେଇ ନବରଙ୍ଗପୁର ଥାନାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ନବରଙ୍ଗପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ।

ପୋଲିସ ସୂଚନାନୁଯାୟୀ ଫେବୃୟାରୀ ୧୮ରେ ନବରଙ୍ଗପୁର ଥାନା ଅଧୀନ ଭତରା ଗ୍ରାମସ୍ଥିତ ଏକ କାଜୁ ମିଲ୍‌ର ସଟର ଭାଙ୍ଗି ଅଭିଯୁକ୍ତମାନେ ମୋଟ ୪ଲକ୍ଷ ୫୦ ହଜାର ଟଙ୍କା ମୂଲ୍ୟର ୭.୫ କୁଇଣ୍ଟାଲ କାଜୁ ଚୋରି କରି ନେଇଯାଇଥିଲେ। ଏ ନେଇ କାଜୁ ମିଲ୍ ମାଲିକ ଏନ୍. ଭେଙ୍କେଟ ରାଓ ନବରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଏଥିରେ ଅଭିଯୁକ୍ତ ନରହରି ଏବଂ ପ୍ରହଲ୍ଲାଦଙ୍କ ସମ୍ପୃକ୍ତି ଥିବା ଜାଣି ପୋଲିସ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ନିଜ ଦୋଷ ସ୍ୱୀକାର କରିଛନ୍ତି। ଚୋରିରେ ବ୍ୟବହୃତ ଅଟୋକୁ ମଧ୍ୟ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ପ୍ରଧାନ ସୂଚନା ଦେଇଛନ୍ତି।

**ଲକ୍ଷେ ୬ ହଜାର ଟଙ୍କା, ୧କୁଇଣ୍ଟାଲ ୫ କେଜି କାଜୁ ଜବତ**


ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ଚୋରି ସାମଗ୍ରୀ।

# କେନ୍ଦ୍ରମନ୍ତ୍ରୀଙ୍କ କୋଟିଆ ଗସ୍ତକୁ ବିରୋଧ ଦୁର୍ଭାଗ୍ୟଜନକ: ଭାଜପା

ନବରଙ୍ଗପୁର,୩।୪(ବି.ପ୍ର.)

ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ବିଜେଡିର ବରିଷ୍ଠ ନେତା ଏସ୍‌ଡିସିର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୋଟିଆ ଗସ୍ତକୁ ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସୋମବାର ନବରଙ୍ଗପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପ୍ରଦୀପ ମାଝି ନିଜ ସ୍ୱାର୍ଥ ପାଇଁ ରାଜନୀତି କରୁଥିବା କହିଛନ୍ତି।

ଓଡ଼ିଶା ଦିବସ ପାଳନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସୀମାନ୍ତ କୋଟିଆ ଗ୍ରାମପୁଞ୍ଜର ଫାଟୁସିନେରି ଗ୍ରାମକୁ ଯାଇଥିଲେ। ସେଠାରେ କେନ୍ଦ୍ରମନ୍ତ୍ରୀ ଗ୍ରାମବାସୀଙ୍କ ସହ ଓଡ଼ିଶା ଦିବସ ପାଳନ କରିବା ସହ ଆନ୍ଧ୍ର ଅଧିକାରୀଙ୍କୁ ଉଚିତ ଜବାବ ଦେଇଥିଲେ। ୨୦୧୮ରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଗସ୍ତ ପରେ ହିଁ କୋଟିଆରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ ହୋଇଥିଲା। କେନ୍ଦ୍ର ସରକାର ଓଡ଼ିଶାକୁ ବ୍ୟାପକ ସହାୟତା ଦେଉଥିବାବେଳେ ବିଜେଡି ନେତାମାନେ ରାଜନୈତିକ ଅଭିସନ୍ଧି ରଖି ବୟାନବାଜି କରୁଥିବା ବିଧାୟକ ଗଣ୍ଡ କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲା ବିକାଶ ପାଇଁ କେନ୍ଦ୍ର ସରକାର ଭାରତମାଳା ପରି ଯୋଜନା, ରେଳପଥ, ଜାତୀୟ ରାଜପଥ ସହ ଇଥାନଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇଛନ୍ତି। ବିଜେଡି ନେତାମାନେ ଭେଦଭାବ ରାଜନୀତି କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ନଗର ମୋର୍ଚ୍ଚା ସଭାପତି ଶ୍ରୀଧର ପାତ୍ର, ଶୁଭମ ଚୌଧୁରୀ, ମିଡିଆ ସଂଯୋଜକ ଦେବଦାସ ମହକୁଡ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

## ମୁନିଗୁଡ଼ା ମଣ୍ଡଳ ଭାଜପାର ଏଲ୍‌ଇଡି ଟିଭି ଉପହାର

ମୁନିଗୁଡ଼ା,୩।୪(ଡି.ଏନ୍.ଏ.)

ବିଷମକଟକ ଜେଲରେ ଥିବା ଅନ୍ତେବାସୀଙ୍କ ପାଇଁ ମୁନିଗୁଡ଼ା ମଣ୍ଡଳ ଭାଜପା ପକ୍ଷରୁ ସୋମବାର ଏକ ଏଲଇଡି ଟିଭି ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପାଧ୍ୟକ୍ଷ ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା ଜେଲର କିଶୋର କୁମାର ସିଂ ଓ ଫାର୍ମାସିଷ୍ଟ କାହ୍ନା ଚରଣ ମିଶ୍ରଙ୍କ ହାତରେ ଏହି ଏଲଇଡି ଟିଭି ପ୍ରଦାନ କରିଥିଲେ। ଅନ୍ତେବାସୀମାନଙ୍କ ମନୋରଞ୍ଜନ ପାଇଁ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍‌କୀ ବାତ୍ ଶୁଣିବା ତଥା ଦେଶ ବିଦେଶ ଖବର ଜାଣିବା ପାଇଁ ଏହି ଉପହାର ଦିଆଯାଇଛି। ଭାରତରତ୍ନ ବାବା ସାହେବ ଆମ୍ବେଡ଼କର ସେବା ସପ୍ତାହ ପାଳନ ଅବସରରେ ଏହି ଉପହାର ଦିଆଯାଇଥିବା ବେହେରା କହିଛନ୍ତି।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଏମଭି୭୯,୩।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ମୋଟୁ ଥାନା ଅଞ୍ଚଳରୁ ରବିବାର ରାତିରେ ୨୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି ପୋଲିସ। ଏ ନେଇ ପୋଲିସ ମାମଲା(ନଂ.୪୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରି ତଦନ୍ତ ଆରମ୍ଭ କରିଛି। ମୋଟୁ ଥାନା ଏସ୍ଆଇ ଅନିଲ ପରିଡ଼ା ଏବଂ ଥାନାର ଅନ୍ୟ କର୍ମଚାରୀ ପୁସୁଗୁଡ଼ା, ଏମ୍‌ପିଭି୫୫ ଏବଂ ଏମ୍‌ଭି ୮୮ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି କାଲିମେଳା ପାର୍ଶ୍ୱରୁ ଏକ ଗ୍ଲାମର ବାଇକ୍‌ରେ ଗୋଟିଏ ପ୍ଲାଷ୍ଟିକ ବ୍ୟାଗ ସହ ଆସୁଥିବା ବେଳେ ପୋଲିସ ଅଟକାଇ ଥିଲା। ଯାଞ୍ଚ କରିବାରୁ ବ୍ୟାଗରୁ ୨୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ବ୍ୟକ୍ତି ଜଣକ ବେଆଇନଭାବେ ଗଞ୍ଜେଇକୁ ଭଦ୍ରାଚଲମ ନେଇ ଯାଉଥିବା ପୋଲିସ ଜାଣିବାକୁ ପାଇଥିଲା।

# ଶିକ୍ଷୟିତ୍ରୀ ପ୍ରଭାତୀ ଦେବନାଥ ପୁରସ୍କୃତ


ଅତିଥିମାନେ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଉମରକୋଟ, ୩।୪(ସ୍ୱ.ପ୍ର.)

ନବରଙ୍ଗପୁରରେ ଜିଲାସ୍ତରୀୟ ୮୮ତମ ଓଡ଼ିଶା ଦିବସ ଅବସରରେ ଉମରକୋଟସ୍ଥିତ ଗୋଡିଗୁଡ଼ା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରଭାତୀ ଦେବନାଥଙ୍କୁ ରାଜ୍ୟ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଶିକ୍ଷୟିତ୍ରୀ ପ୍ରଭାତୀଙ୍କୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଦତ୍ତ ଉତ୍ତରୀୟ, ମାନପତ୍ର ଓ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ସମେତ ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗ ଉପଦେଷ୍ଟା ପ୍ରଦୀପ ମାଝି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଏସ୍‌ପି ଏସ୍.ସୁଶ୍ରୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

୧୯୮୯ରୁ ଚାକିରି ଆରମ୍ଭ କରିଥିବା ଶିକ୍ଷୟିତ୍ରୀ ପ୍ରଭାତୀ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ପ୍ରତିଭା ବିକାଶ ସହିତ ଶୈକ୍ଷିକ ପରିବେଶ ସୃଷ୍ଟି କରିଥିଲେ। ଏଥିସହିତ ପରିବେଶ ସୁରକ୍ଷା ଓ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ଜଣେ ସୁଲେଖକ ଭାବେ ଅନେକ ଉପାଦେୟ ପୁସ୍ତକ, କବିତା, ଗଳ୍ପ ରଚନା କରିଛନ୍ତି। ସେଥିପାଇଁ ତାଙ୍କୁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି। ରାଜ୍ୟ ସମ୍ମାନ ପାଇବା ପରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଭିଯୋଗ ଶୁଣିଲେ, ସହାୟତା ଦେଲେ

ନବରଙ୍ଗପୁର,୩।୪(ବି.ପ୍ର.)

**ନବରଙ୍ଗପୁର ପୌରପାଳିକାରେ ଯୁଗ୍ମ ଅଭିଯୋଗ ଶୁଣାଣି**

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ନବରଙ୍ଗପୁର ପୌରପାଳିକା ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୭୫ଟି ମାମଲାର ଶୁଣାଣି କରାଯାଇଥିବାବେଳେ ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ଅଭିଯୋଗ ରହିଥିଲା। ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ର ଓ ଏସ୍‌ପି ଏସ୍. ସୁଶ୍ରୀ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିସହ ଜଣେ ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ, ୩ ଜଣଙ୍କୁ ହୁଇଲ୍ ଚେୟାର ଓ ୮ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନବରଙ୍ଗପୁର ପୌରପାଳିକାରେ ପ୍ରଥମ ଥର ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଉପଜିଲାପାଳ ପ୍ରଶାନ୍ତ ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ପାତ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ପୌରପାଳିକା କାଉନସିଲରମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପୋଷଣ ପଖୱାଡ଼ା ଉଦ୍‌ଯାପିତ

ରାୟଗଡ଼ା,୩।୪(ସ୍ୱ.ପ୍ର.)

ପୋଷଣ ପଖୱାଡ଼ା-୨୦୨୩ ଉଦଯାପନୀ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସୋମବାର ପୁରସ୍କାର ବିତରଣ କରାଯାଇଥିଲା। ଗତ ୨୦ ତାରିଖରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ୧୧ଟି ବ୍ଲକର ୩୩ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ମିଲେଟ ଓ ପୁଷ୍ଟି ସମ୍ବନ୍ଧରେ ଚିତ୍ରାଙ୍କନ, ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠି, ରାୟଗଡ଼ା ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଡ. ଦିଲୀପ କୁମାର ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଏଡ଼ିଏମଓ ଡା ବି.ଏଲ.ଏନ ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପୋଷଣ ପଖୱାଡ଼ାର ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ଅଧିକାରି ଯାଜ୍ଞସେନୀ ବେହେରା ପରିଚାଳନା କରିଥିଲେ । ପୋଷଣ ପଖୱାଡା କାର୍ଯ୍ୟକ୍ରମ ଜିଲାର ସମସ୍ତ ବ୍ଲକ, ଗ୍ରାମ ପଞ୍ଚାୟତସ୍ତରରେ ଆୟୋଜିତ ହୋଇଥିଲା । ଉଦଘାଟନୀ ଦିବସରେ ବାହାରିଥିବା ରାଲିକୁ ଜିଲା ସମାଜ ମଙ୍ଗଳ ଉପ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ପାଢ଼ି ପରିଚାଳନା କରିଥିଲେ ।



ଜିଲାପାଳ ଓ ଅଧିକାରୀଙ୍କ ସହ ପୁରସ୍କୃତ ହୋଇଥିବା କୃତି ପ୍ରତିଯୋଗୀ ।

# ସ୍ଥାପନା ହେଲା ମା'ଙ୍କ କଳସ, ଜମିଲା ଶ୍ରଦ୍ଧାଳୁଙ୍କ ଭିଡ଼

ଡାବୁଗାଁ, ୩।୪(ଡି.ଏନ୍.ଏ.)

ମେଦନା ଗ୍ରାମ ଦେବତୀ ମାଁ ଠାକୁରାଣୀଙ୍କ ଚାଲିଥିବା ନବ ଦିନାତ୍ମକ ଘଣ୍ଟଯାତ୍ରା ସୋମବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ସଦର ଗାଁରେ ମାର୍ଚ୍ଚ ୨୬ ତାରିଖରୁ ଗ୍ରାମ ଦେବତୀ ମାଁ ଠାକୁରାଣୀଙ୍କ କଳସ ମନ୍ଦିରରୁ ବାହାରିଥିଲା। ଗାଁ ଓ ଏହାର ଆଖପାଖ ଅଞ୍ଚଳ ପରିଭ୍ରମଣ କରିଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାଁଙ୍କୁ ଦର୍ଶନକରି ତାଙ୍କ ପାଖରେ ନାନା ପ୍ରକାର ଭୋଗ ଲଗାଇଥିଲେ। ସୋମବାର ମାଁ ନିଜର ଲାଠି, ପାଲିଙ୍କି, କଳସ, ଶିରା, ଦିଶାରୀ, ପୂଜାରୀ, ଚଲାନ ଏବଂ ଭକ୍ତମାନଙ୍କ ଗହଣରେ ଗ୍ରାମ ବାହାରେ ଥିବା କଳସ ମନ୍ଦିରକୁ ଯାତ୍ରା କରିଛନ୍ତି। ସେଠାରେ ମାଁଙ୍କ କଳସ ସ୍ଥାପନ ସହ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ରାତିରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ପୂଜା କମିଟି ପକ୍ଷରୁ ଦେଶିଆ ନାଟକର ଆୟୋଜନ କରାଯାଇଛି। ମାଁଙ୍କ ମନ୍ଦିର ପରିସରରେ ଉଠାଦୋକାନୀଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ମାଁଙ୍କ କଳସଯାତ୍ରା ଦେଖିବାକୁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ଯାତ୍ରା ଦେଖା ସହିତ କିଣାବିକାର ଲାଭ ଉଠାଇଛନ୍ତି। ପରିଚାଳନା କମିଟି ସଦସ୍ୟ ଗାଁର ବଂଶୀଧର ମାଝି, ହିରଣ୍ୟ ମାଝି, ପୁରୁମ ମାଝି, ଜଗନ୍ନାଥ ମେହେର, ଶଶୀ ମାଝି, ପର୍ଶୁ କଲାର, ସଦା ଗୌଡ଼, ଦୁଳାରାମ ଗୌଡ଼, ସୁକଟା କମାର, ଆଦାୟ କମିଟି ମଧୁ କଲାର, କମଳଲୋଚନ ମାଝି, କୋଷାଧ୍ୟକ୍ଷ ମଣ୍ଟୁ ମାଝି, ଆଦିକାନ୍ତ ମାଝି ପ୍ରମୁଖ ଯାତ୍ରା ପରିଚାଳନା କରିଛନ୍ତି।

**ମା' ଠାକୁରାଣୀଙ୍କ ନବଦିନାତ୍ମକ ଘଣ୍ଟଯାତ୍ରା ଶେଷ**


ମା'ଙ୍କ କଳସକୁ ଶୋଭାଯାତ୍ରାରେ ନିଆଯାଉଛି।

ଜୟପୁର,(ନି.ପ୍ର.)- ଜୟପୁର ବ୍ଲକ କର୍ଣ୍ଣାଠାରେ ସୋମବାର ପଞ୍ଚାୟତରାଜ ଅଭିଯୋଗ ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର ବ୍ଲକ ପ୍ରଶାସନ, ସରପଞ୍ଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍ ଉଦ୍ୟାନ କୃଷି,କୃଷି ବିଭାଗ ସହ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆସିଥିବା ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।



## ସଂକ୍ଷେପରେ

### ୨ ଲୁଟ୍ ମାମଲାରେ ୩ ଗିରଫ

ଜୟପୁର, ୩।୪ (ନି.ପ୍ର.)- ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ ମାମଲାରେ ଜୟପୁର ସଦର ପୋଲିସ ଫେରାର ଥିବା ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନନ୍ଦଗୁଡା ରାଜୀବ କଲୋନୀର ସଞ୍ଜିତ ଭଦ୍ରା ଓ ସୌରାଗୁଡାର ଧନପତି ନାଗ। ସଦର ଥାନା ଅନ୍ତର୍ଗତ ସିନ୍ଧିଗାଁ ବ୍ରିଜ ନିକଟରେ ରାଜମିସ୍ତ୍ରିମାନେ ଶୋଇଥିବା ବେଳେ ଗତ ୨୦।୧୧।୧୭ରେ କେତେ ଜଣ ଦୁର୍ବୃତ୍ତ ସେମାନଙ୍କୁ ବନ୍ଧୁକ ଦେଖାଇ ମାଡ଼ ମାରି ଟଙ୍କା ଓ ମୋବାଇଲ ଫୋନ୍ ନେଇ ଯାଇଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହାକୁ ଭିତ୍ତିକରି ତଦନ୍ତ ଚଳାଇଥିଲା। ପୂର୍ବରୁ ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏବେ ଫେରାର ଥିବା ସଞ୍ଜିତ ଓ ଧନପତିଙ୍କୁ ଗିରଫ କରାଯାଇଥିବା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି। ସେହିପରି ଜୟପୁରରେ ଏକ ଡକାୟତି ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସଦର ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ବାରିଣୀପୁଟ ଓସିସି କଲୋନୀର ରମେଶ ବାଘ। ଗତ ଅକ୍ଟୋବର ୧୪ରେ ମଧ୍ୟପ୍ରଦେଶର ଜଣେ ବୁଲା ବ୍ୟବସାୟୀ ଜୟପାଲ ବଞ୍ଜାରା ମାଲକାନଗିରି ଜିଲା ଗୋବିନ୍ଦପାଲିରୁ ବାଇକ ଯୋଗେ ଜୟପୁର ଆସୁଥିବା ବେଳେ ଏକ ୭ ଜଣିଆ ଡକାୟତି ଦଳ ପାତ୍ରପୁଟ ନିକଟରେ ତାଙ୍କୁ ଅଟକାଇ ଜଙ୍ଗଲକୁ ନେଇ ଧମକଚମକ ଦେଇ ତାଙ୍କଠାରୁ ୭ ଶହ ଟଙ୍କା ନେଇଯାଇଥିଲେ। ପରେ ଫୋନ ପେ ମାଧ୍ୟମରେ ୮ ହଜାର ୮ ଶହ ଟଙ୍କା ନେଇଥିଲେ। ଏହା ପରେ ମଧ୍ୟ ସେମାନେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧମକଚମକ ଦେଇ ୫୦ ହଜାର ଟଙ୍କା ଦାବି କରିଥିଲେ। ନ ଦେଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ଫଳରେ ବ୍ୟବସାୟୀ ଜଣକ ଭୟଭୀତ ହୋଇ ତାଙ୍କ ଭାଇଙ୍କୁ ଫୋନ କରି ୪୦ ହଜାର ଟଙ୍କା ମଗାଇ ଡକାୟତମାନଙ୍କୁ ଫୋନ ପେ ମାଧ୍ୟମରେ ଦେଇଥିଲେ। ପରେ ଡକାୟତମାନେ ତାଙ୍କୁ ଛାଡ଼ିଥିଲେ। ଏନେଇ ବ୍ୟବସାୟୀ ଜଣକ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେବେଠାରୁ ଅଭିଯୁକ୍ତମାନେ ଫେରାର ଥିଲେ। ସୋମବାର ରମେଶଙ୍କ ସମ୍ପର୍କରେ ସୂଚନା ପାଇ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ମାମଲାରେ ଏଯାବତ୍ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତାଣ୍ଡି କହିଛନ୍ତି।

### ନୂତନ ଶିକ୍ଷାବର୍ଷର ପ୍ରବେଶ ଉତ୍ସବ
### ପ୍ରଥମ ଦିନରେ ୫୮୫ ଛାତ୍ରୀଛାତ୍ରଙ୍କ ନାମ ଲେଖା

ନନ୍ଦପୁର,୩।୪(ଡି.ଏନ୍.ଏ.)- ନୂତନ ଶିକ୍ଷାବର୍ଷ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ନନ୍ଦପୁର ବ୍ଲକର ୧୯୫ ବିଦ୍ୟାଳୟରେ ପ୍ରଥମ, ଷଷ୍ଠ, ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦାଖିଲ ଓ ଟିସି ନେବା ପାଇଁ ଅଭିଭାବକଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଦ୍ୟାଳୟ ତରଫରୁ ଛାତ୍ରୀଛାତ୍ର ଓ ଅଭିଭାବଙ୍କୁ ସ୍ୱାଗତ କରିବାକୁ ପ୍ରବେଶ ଉତ୍ସବ ଆୟୋଜନ କରାଯାଇଛି। ପ୍ରଥମ ଦିନରେ ନନ୍ଦପୁର ବ୍ଲକ ସଦର ମହକୁମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଜଣ ନୂତନ ଛାତ୍ରୀଛାତ୍ରଙ୍କ ନାମ ଲେଖା ଯାଇ ଷଷ୍ଠ ଶ୍ରେଣୀରେ ଦାଖିଲ ହୋଇଥିବା ବେଳେ ୨୦ଜଣ ଛାତ୍ରୀଛାତ୍ର ସ୍ଥାନାନ୍ତର ପ୍ରମାଣ ପତ୍ର (ଟି.ସି) ନେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ ସୂଚନା ଦେଇଛନ୍ତି। ଗଣଶିକ୍ଷା ବିଭାଗ ଓ ମଙ୍ଗଳ ବିଭାଗର ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାବର୍ଷ ଆରମ୍ଭର ପ୍ରଥମ ଦିନରେ ସମୁଦାୟ ୫୮୫ ଜଣ ନୂତନ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ୭୮୧ ଜଣ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାପାଇଁ ଟିସି ନେଇଥିବା ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ ସୂଚନା ଦେଇଛନ୍ତି।

### ୪୦ କେଜି ଗଞ୍ଜେଇ ଜବତ, ୨ଗିରଫ



ମାଲକାନଗିରି,୩।୪(ଡି.ଏନ୍.ଏ.)- ମାଲକାନଗିରି ପୋଲିସ ସୋମବାର ୪୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସେମାନେ ହେଲେ କାଲିମେଳା ବ୍ଲକ ଅଧୀନ ଏମ୍‌ଭି ୪୦ ଗ୍ରାମର ସପନ ମଣ୍ଡଲ ଓ ଅନ୍ୟଜଣେ ଏମ୍‌ପିଭି-୮ ଗ୍ରାମର ବିଶ୍ୱଜିତ ବେପାରୀ। ଥାନା ଅଧିକାରୀ ରିଗାନ କିଣ୍ଡୋ ଦେଇଥିବା ସୂଚନା ମୁତାବକ ଏସ୍‌ଆଇ ସର୍ବେଶ୍ୱର ଭୋଇ, କନଷ୍ଟେବଲ୍ ବରଲାମ ଚଲାଣ, ଲକ୍ଷ୍ମଣ ମାରାଣ୍ଡି, ରଞ୍ଜିତ୍ ମହାନ୍ତ ଓ ଅନ୍ୟ ପୋଲିସ କର୍ମଚାରୀ ସ୍ଥାନୀୟ ଏମ୍‌ଭି-୧୮ ଗ୍ରାମ ଛକଠାରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ୨ ବ୍ୟକ୍ତି ଦ୍ରୁତଗତିରେ ଗୋଟିଏ ବାଇକ୍‌ରେ ଆସୁଥିବା ଦେଖି ପୋଲିସ ସେମାନଙ୍କୁ ଅଟକାଇ ଗାଡ଼ିରେ ୨ଟି ବସ୍ତା ଥିବା ଦେଖି ଯାଞ୍ଚ କରିଥିଲା। ସେଥିରୁ ଗଞ୍ଜେଇ ମିଳିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ୨୦ ଲକ୍ଷ ଖର୍ଚ୍ଚ ହୋଇଛି, କାମରେ ଲାଗୁନି ଦୋକାନ ଗୃହ

- ବିଜ୍ଞାପନ ପ୍ରକାଶ କରିବାକୁ ପଞ୍ଚାୟତକୁ କୁହାଯାଇଛି
- ଠିକାଦାର ଏଯାଏ ହସ୍ତାନ୍ତର କରିନାହାନ୍ତି ଚାବି
- ବ୍ଲକ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ହେଉଛି ଦାବି

ନନ୍ଦପୁର, ୩।୪ (ଡି.ଏନ.ଏ.)

ବେକାର ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳରେ ଦୋକାନ ଗୃହମାନ ନିର୍ମାଣ କରାଯାଉଛି। ଏଥିରେ ବହୁ ଅର୍ଥ ବ୍ୟୟ ହେଉଛି। ମତ୍ର ଦୋକାନ ଗୃହ ନିର୍ମାଣ ପରେ ଏଗୁଡିକ କାର୍ଯ୍ୟକ୍ଷମ ହେଉ ନ ଥିବା ଦେଖିବାକୁ ମିଳୁଛି। କୌଣସି ନା କୌଣସି କାରଣରୁ ଦୋକାନ ଗୃହଗୁଡ଼ିକର ଶଟର ଖୋଲୁନି। ଫଳରେ ଯେଉଁ ଲକ୍ଷ୍ୟରେ ଏହା ନିର୍ମାଣ ହୋଇଥିଲା ତାହା ବିଫଳ ହେଉଛି।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି। ପାଡୁଆ ପଞ୍ଚାୟତ ବଡଦେବତା (ଭୈରବୀ) ମନ୍ଦିର ନିକଟରେ ନିର୍ମାଣ ହୋଇଥିବା ୧୦ଟି ଦୋକାନ ଗୃହ ନିର୍ମାଣ ସରିଥିଲେ ମଧ ୬ ମାସ ହେଲା କାହାକୁ ଭଡ଼ାରେ ପ୍ରଦାନ କରାଯାଇନାହିଁ। ୫ମ ଏସ୍‌ଏଫ୍‌ସି ପାଣ୍ଠିରୁ ପଞ୍ଚାୟତ ପକ୍ଷରୁ ୧୦ ଲକ୍ଷ ଓ ବ୍ଲକ ପକ୍ଷରୁ ୧୦ ଲକ୍ଷ ଏପରି ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ୧୦ଟି ଦୋକାନ ଗୃହ ପାଡୁଆର ବେକାର ଯୁବତୀଯୁବକମାନଙ୍କୁ ବଣ୍ଟନ କରା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ଏଥିରୁ ଆୟ କରିବାକୁ ଲକ୍ଷ୍ୟ ରଖିଥିବା ପଞ୍ଚାୟତ ନିରାଶ ହୋଇଛି।ଏନେଇ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଜସକେତନ ବେହେରାଙ୍କୁ ପଚାରିବାରୁ ସେ ଦୋକାନ ଗୃହଗୁଡ଼ିକ ଭଡ଼ା ଦେବାକୁ ପଞ୍ଚାୟତ ପକ୍ଷରୁ ବିଜ୍ଞାପନ ପ୍ରକାଶ କରିବାକୁ ନିର୍ଦ୍ଦେଶ ହୋଇଛି ବୋଲି କହୁଥିବା ବେଳେ ପିଇଓ ଗୃହ ନିର୍ମାଣ କରିଥିବା ଠିକାଦାର ଏଯାଏ ଏହି ନବନିର୍ମିତ ଦୋକାନ ଗୃହର ଚାବି ଦେଇ ନ ଥିବା କହିଛନ୍ତି। ବ୍ଲକ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ନିର୍ମିତ ଦୋକାନ ଗୃହଗୁଡ଼ିକ ଆଗ୍ରହୀ ଯୁବତୀଯୁବକମାନଙ୍କୁ ବଣ୍ଟନ କରିବାକୁ ଦାବି ହେଉଛଇ।




ନିର୍ମାଣ ସରି ପଡି ରହିଥିବା ଦୋକାନଗୃହ।

# ମୁକ୍ତା ଯୋଜନାରେ ୧୬ ପ୍ରକଳ୍ପ ଉଦ୍‌ଘାଟିତ

କୋରାପୁଟ,୩।୪(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ସୋମବାର କୋରାପୁଟ ପୌରାଞ୍ଚଳରେ ୧ କୋଟି ୮ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟରେ ନିର୍ମିତ ୧୬ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । କୋରାପୁଟ ମ୍ୟୁନିସିପାଲିଟିର ସୁନାପୁରଠାରେ ନିର୍ମିତ ପରିଚୟଗୃହ ଓ ଓପନ ଜିମ୍‌କୁ କୋରାପୁଟ ବିଧାୟକ ରଘୁରାମ ପଡାଲ ଉଦ୍‌ଘାଟନ କରିଥିଲେ। ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ୱାର୍ଡ କାଉନସିଲର ଲିଆ ପ୍ରଧାନ ଅତିଥିଭାବେ ଉପସ୍ଥିତ ଥିଲେ । ଏହି ଯୋଜନାର ଅନୁଦାନରେ ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡରେ ପରିଚୟ ଗୃହ, ଓପନ ଜିମ୍ ନିର୍ମାଣ କରାଯାଇଛି। ଏମ୍‌ପି ସପ୍ତଗଗିରି ଉଲାକା, ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଉପାଧ୍ୟକ୍ଷା ସବିତା ପଣ୍ଡା, ପୌରଯନ୍ତ୍ରୀ ଓ କାଉନସିଲମାନେ ଉପସ୍ଥିତ ଥିଲେ।



ସୁନାପୁରଠାରେ ବିଧାୟକ ରଘୁରାମ ପଡାଲ ଓପନ ଜିମ୍‌କୁ ଉଦ୍‌ଘାଟନ କରୁଛନ୍ତି।

# ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଶପଥ ଗ୍ରହଣ କରିଥିବା ଓକିଲମାନେ ।

ସେମିଲିଗୁଡା,୩।୪(ସ୍ୱ.ପ୍ର.)

ସେମିଲିଗୁଡା ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ ଦାଶ, ଉପସଭାପତି ଜେ. ପ୍ରସାଦ,ସମ୍ପାଦକ ବିଶ୍ୱରଞ୍ଜନ ଜେନା, ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ପାଢ଼ୀ, ସହ ସମ୍ପାଦକ ସୌଭାଗିନୀ ପରିଜା, କୋଷାଧ୍ୟକ୍ଷ ଦିଲୀପ ମହାପାତ୍ର, ଲାଇବ୍ରେରୀ ସମ୍ପାଦକ ରଞ୍ଜିତା ସାହୁ, କାର୍ଯ୍ୟକାରିଣୀ ସଦସ୍ୟ କୃତିବାସ ରାଉତ, ସୁଧାଂଶୁ ଶେଖର ପାଠୀ, ଯୁଧିଷ୍ଠିର ଉପାଧ୍ୟାୟ, ସୂର୍ଯ୍ୟ ନାରାୟଣ ପଣ୍ଡା, ରଜନୀ ବେହେରା ପ୍ରମୁଖଙ୍କୁ ବରିଷ୍ଠ ଓକିଲ ପୀତାମ୍ବର ସାହୁ ଶପଥପାଠ କରାଇଥିଲେ।

# ରେଲୱେକୁ ଜାଗା ଦେଇ ହଇରାଣ ହେଉଛନ୍ତି ଲୋକେ

**କେହି ବୁଝୁନାହାନ୍ତି ଜମିହରାଙ୍କ ଦୁଃଖ**

- ୧୦୯ ଗ୍ରାମର ୧୩୮୦ ଜଣ ରେଲୱେକୁ ଦେଇଛନ୍ତି ଜାଗା
- ରେଲୱେ ଏପର୍ଯ୍ୟନ୍ତ ଥଇଥାନ କରିନି କି ଚାକିରି ଦେଇନି
- ଆଗାମୀ ଦିନରେ ରେଳ ଧାରଣାରେ ଧାରଣା ଦେବୁ: ଜମିହରା

ସୁନାବେଡା, ୩।୪ (ସ୍ୱ.ପ୍ର.)

 କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲ୍‌କୋ ଭିଆଇପି ଅତିଥି ଭବନରେ ଅବିଭକ୍ତ କୋରାପୁଟ ଜିଲାର ରେଲୱେ ଜମିହରା ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧର୍ମେନ୍ଦ୍ରଙ୍କ କୋରାପୁଟ ଜିଲା ଗସ୍ତ ଅବସରରେ ସଂଘ ଏହି ଦାବିପତ୍ର ଦେଇଥିଲା। ଦୀର୍ଘବର୍ଷ ହେବ କୋରାପୁଟଠାରୁ ରାୟଗଡ଼ା ପର୍ଯ୍ୟନ୍ତ ନିର୍ମିତ ରେଳ ଲାଇନ ପାଇଁ ୧୦୯ଟି ଗ୍ରାମର ୧୩୮୦ ଜଣ ୨୬୫୭.୬୨ ଏକର ଜମି ହରାଇଥିଲେ । ଯେଉଁଥିରେ ୧୧ ପରିବାର ନିଜ ଘରଡିହ ହରାଇଥିବା ବେଳେ ୧୧୦ ପରିବାର ନିଜର ସମ୍ପୂର୍ଣ୍ଣ ଚାଷଜମି, ୧୦୨୭ଜଣ ୨୫ରୁ ୫୦ ଭାଗ,୧୪୮ଜଣ ୭୫ ଭାଗ, ୮୭ଜଣ ୫୦ରୁ ୭୫ଭାଗ ଚାଷଜମି ହରାଇଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୧୮ ଜଣଙ୍କୁ ରେଲୱେ ଥଇଥାନ କରିଛି। ରେଲୱେ ସେମାନଙ୍କ ଜମି ନେଇଥିବାରୁ ସେମାନଙ୍କୁ ଥଇଥାନ କରି ଚାକିରି ଦେବ ବୋଲି ଏହି ଜମିହରାମାନେ ଆଶା ରଖିଥିଲେ। ମାତ୍ର ରେଲୱେ ଏପର୍ଯ୍ୟନ୍ତ ସେମାନଙ୍କୁ ଥଇଥାନ କରିନି କି ଚାକିରି ମଧ ଦେଇନି। ଫଳରେ ଜାଗାବାଡି ଦେଇ ଏବେ ଲୋକେ ହଇରାଣ ହେଉଛନ୍ତି। ଘରବାଡି ହରାଇଥିବା ଅବଶିଷ୍ଟ ୧୧୯୨ ଜଣଙ୍କୁ ରେଲୱେ କେବେ ଚାକିରି ଦେଇ ଥଇଥାନ କରିବ ସେନେଇ ସଂଘ ପ୍ରଶ୍ନ ଉଠାଇଛି। ଏ ଦିଗରେ ଗୁରୁତ୍ୱ ଦେଇ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରେଳ ଧାରଣାରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି ଜମିହରା ସଂଘ ସମ୍ପାଦକ ପଦନ ଗୌଡ଼। ସୂଚନାଯୋଗ୍ୟ, ଏ ସମ୍ପର୍କରେ ଆଜିକୁ ୬ ବର୍ଷରୁ ଊର୍ଦ୍ଧ୍ୱ ହେବ ଜିଲା ପ୍ରଶାସନଠାରୁ ଆରମ୍ଭକରି ରାଜ୍ୟ ସରକାର,ରେଲୱେର ବରିଷ୍ଠ ଅଧିକାରୀ ଏବଂ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ସଂଘ ସଭାପତି ଜଳନ୍ଧର ଖିଲ କହିଛନ୍ତି।



ଜମିହରା ସଂଘ ପକ୍ଷରୁ କର୍ମକର୍ତ୍ତାମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦେଉଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଏମଭି-୭୯,୩।୪(ଡି.ଏନ.ଏ.)

ଏମଭି ୭୯ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚତୁର୍ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ମାଥିଲି ଖଣ୍ଡର କାର୍ଯ୍ୟବାହ ବିଶ୍ୱନାଥ ସାହୁ, ବିଦ୍ୟାଳୟର ପୂର୍ବତନ ସଭାପତି ନିମାଇଁ ପାଲ, ସମ୍ମାନିତ ଅତିଥି ଏମ୍‌ଭି – ୭୯ର ଡ. ଶ୍ୟାମା ପ୍ରସାଦ କଲେଜ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାଢ଼ୀ, ପଲ୍ଲୀମଙ୍ଗଳ କମିଟି ସମ୍ପାଦକ ଦୀପକ ଦତ୍ତ, ଡ. ପ୍ରଦୀପ୍ତ କୁମାର ମିଶ୍ର, ସମୀର ମିସ୍ତ୍ରୀ, ଜୀବନ କୃଷ୍ଣ ଦାସ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଜନୀକାନ୍ତ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସୁବୁଦ୍ଧି ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟର କିଛି ସମସ୍ୟା ଦୂର ହୋଇଛି। ଆଉ ଯେଉଁ ସମସ୍ୟାଗୁଡ଼ିକ ରହିଛି ସେଗୁଡ଼ିକ ଦୂର କରାଯିବ ବୋଲି ବିଧାୟକ କହିଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ଭଲ ପାଠପଢ଼ି ନିଜ ମା'ବାପା, ଗାଁ, ଜିଲାର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# କାର୍ଯ୍ୟଦକ୍ଷତା ଯୋଗୁ ମନେ ରହିବେ ଚକ୍ରଧର



**ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା**

ମାଲକାନଗିରି, ୩।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ବନାଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟକିରାଣି ଚକ୍ରଧର ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ଡିଏଫଓ ପ୍ରତାପ କତାପାଲି ଯୋଗଦେଇ ଚକ୍ରଧରଙ୍କ ଦୀର୍ଘ ୩୦ ବର୍ଷର କାର୍ଯ୍ୟର ଉଚ୍ଚପ୍ରଶଂସା କରିଥିଲେ। ତାଙ୍କ ଅଭାବ ବନଖଣ୍ଡ ପାଇଁ ଅପୂରଣୀୟ ହୋଇ ରହିବ ବୋଲି ସେ ପ୍ରକାଶ କରିଥିଲେ। ଚକ୍ରଧରଙ୍କ ବିଭାଗୀୟ କାର୍ଯ୍ୟରେ ଅଭିଜ୍ଞତାକୁ ଏହି ବନଖଣ୍ଡ କେବେ ଭୁଲିପାରିବ ନାହିଁ ବୋଲି କତାପାଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଜିଲାର ସମସ୍ତ ବନାଞ୍ଚଳ ଅଧିକାରୀ ଚକ୍ରଧରଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ସୁଦୂର ଭଦ୍ରକ ଜିଲାରୁ ଆସି ସେ ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ କାର୍ଯ୍ୟକରି ବନ ବିଭାଗ ପାଇଁ ସୁନାମ ଆଣିଥିଲେ। ଜିଲାର ସମସ୍ତ ବନ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋୟୀ ପରିଚାଳନା କରଥିଲେ।

# ଗ୍ରାମ ସମସ୍ୟା ଅନୁଧ୍ୟାନ କଲେ ପୂର୍ବତନ ବିଧାୟକ



ପୂର୍ବତନ ବିଧାୟକ ମାନସ ମାଡକାମୀ ଇରାଲଗୁଣ୍ଡି ଗ୍ରାମରେ ବିଭିନ୍ନ ସମସ୍ୟା ଅନୁଧ୍ୟାନ କରୁଛନ୍ତି।

ମାଲକାନଗିରି,୩।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ଇରାଲଗୁଣ୍ଡି ଗ୍ରାମର ବିଭିନ୍ନ ସମସ୍ୟା ସୋମବାର ପୂର୍ବତନ ବିଧାୟକ ମାନସ ମାଡକାମି ସମ୍ପୃକ୍ତ ଗ୍ରାମକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେ ଗ୍ରାମବାସୀଙ୍କ ସହ ସେମାନଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ଗ୍ରାମରେ ମୋବାଇଲ ନେଟୱର୍କ ସମସ୍ୟା, ପାନୀୟ ଜଳ ସମସ୍ୟା ରହିଛି। ୪୦ ପରିବାର ବସବାସ କରଥିବା ଉକ୍ତ ଗ୍ରାମରେ ଅନ୍ୟାନ୍ୟ ସମସ୍ୟା ମଧ୍ୟ ରହିଛି। ଏନେଇ ସେ ଜିଲାପାଳଙ୍କୁ ଭେଟି ସମାଧାନ ଦିଗରେ ଆଲୋଚନା କରବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମାଡକାମୀଙ୍କ ସହ ପୂର୍ବତନ ବ୍ଲକ ସଭାପତି ସର୍ବ କୁମାର ବିଶୋୟୀ, ଭୀମସେନ ପଡିଆମି, ଶଙ୍କର ସୋଡ଼ି, ଗଙ୍ଗା ମାଡକାମି ଉପସ୍ଥିତ ଥିଲେ।

# ପଶ୍ଚିମାଝଡ଼ ଉଜାଡ଼ିଲା ପନିପରିବା ଚାଷ

ମାଥିଲି,୩।୪ (ଡି.ଏନ.ଏ. )

ମାଲକାନଗିରି ଜିଲା ମାଥିଲି ବ୍ଲକରେ ପଶ୍ଚିମାଝଡ଼ ଚାଷୀଙ୍କୁ ବହୁ ପରିମାଣରେ କ୍ଷତି ପହଞ୍ଚାଇଛି। ବର୍ଷାରେ ଚାଷୀ କରିଥିବା ପନିପରିବା ଫସଲ ନଷ୍ଟ ହୋଇଛି। କୁର୍ଚୁନିପାଲି ପଞ୍ଚାୟତ ଖଡ଼ିକାଯୋଡ଼ି ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଏହି ଗ୍ରାମର ଚାଷୀମାନେ ଜମିରେ ଟମାଟୋ, ବାଇଗଣ, କଲରା, ଶିମ୍ବ ଓ କଖାରୁ ଆଦି ପନିପରିବା ଚାଷ କରିଥିଲେ। ମାତ୍ର ନିକଟରେ ପଶ୍ଚିମାଝଡ଼ ପ୍ରଭାବରେ ହୋଇଥିବା ଅଦିନିଆ ବର୍ଷା ଚାଷୀଙ୍କ ପନିପରିବା ଫସଲକୁ ଧୋଇନେଇଛି। କରଜ କରି ପନିପରିବା ଚାଷ କରିଥିବା ଚାଷୀ ଏବେ କିପରି ଋଣ ଶୁଝିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ବର୍ଷା ଯୋଗୁ ପାହାଡ଼ରୁ ବର୍ଷାପାଣି ଜମିକୁ ମାଡି ଜମିରେ ପାଣି ଜମିରହି ପନିପରିବାକୁ ନଷ୍ଟ କରିଥିବା ଜଣାପଡିଛି। ଏନେଇ ଚାଷୀମାନେ ସ୍ଥାନୀୟ କୃଷି ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନି। କ୍ଷତିଗ୍ରସ୍ତ ଚଷୀମାନଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



ଜମିରେ ପାଣି ମାଡି ନଷ୍ଟ ହୋଇଯାଇଥିବା ଟମାଟୋ ଚାଷ।

# ମିଳିତ ଜନଶୁଣାଣିରେ ୧୬ ପଞ୍ଚାୟତର ପାନୀୟ ଜଳ ସମସ୍ୟା

କୁନ୍ଦୁରା,୩।୪ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଏମ. ଅବଦୁଲ ଅଖତର ସୋମବାର ମିଳିତ ଜନଶୁଣାଣି କରିଛନ୍ତି। ଏସ୍‌ପି ଅଭିନବ ସୋନକାର,ପ୍ରକଳ୍ପ ନିର୍ଦ୍ଦେଶକ ଗୌରବ ଶିବାଜୀ ଇସଲୱାର, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ ପାଢୀ, କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା,ବିଡିଓ ସନ୍ଧ୍ୟା ସମରଥ, ଉପ ଜିଲାପାଳ ବେଦବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକ ଅଧୀନରେ ଥିବା ୧୬ଟି ପଞ୍ଚାୟତର ଅଞ୍ଚଳବାସୀଙ୍କ ପାନୀୟଜଳ ସମସ୍ୟା ନେଇ ଅଭିଯୋଗ ଆସିଥିଲା। କୁନ୍ଦୁରା ବ୍ଲକରେ ଏକ ଲକ୍ଷରୁ ଅଧିକ ଲୋକ ବସବାସ କରନ୍ତି। ସଦର ମହକୁମାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବାଗଦେରି, ଦିଗାପୁର ଏବଂ ଆସନା ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ମାତ୍ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ଡାକ୍ତରଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରାଯାଇଛି। ଫଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ୬ ଗ୍ରାମ ପଞ୍ଚାୟତବାସୀ ଲିମା, ଦିଗାପୁର, ଆସନା, ଫୁଲଭଟ୍ଟା, କେରିମିଟି ଏବଂ ଚେରେକାର ଲୋକେ ସେବା ପାଇବାରେ ହଇରାଣ ହେଉଛନ୍ତି। ଗ୍ରାମାଞ୍ଚଳରେ ଖନନ ହୋଇଥିବା ଅଧିକାଂଶ ନଳକୂପ ଅଚଳ ଅବସ୍ଥାରେ ରହିଥିବା ଏବଂ ଖରା ଦିନେ ଲୋକେ ହଇରାଣ ହେଉଥିବା ଅଭିଯୋଗ ଆସିଥିଲା। ସେହିପରି କୁନ୍ଦୁରା ବ୍ଲକରେ ବନ ବିଭାଗ,ଉଦ୍ୟାନ ବିଭାଗ ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଉ ନ ଥିବା ଜିଲା ପରିଷଦ ସଭ୍ୟ କନକଲତା ପେଣ୍ଠିଆ ଅଭିଯୋଗ କରିଥିଲେ। ସେହିଭଳି କୁନ୍ଦୁରା ବ୍ଲକ କେରିମିଟି ପଞ୍ଚାୟତର ଡଙ୍ଗରିଗୁଡାଠାରେ ବସବାସ କରୁଥିବା ଦୁରୁଆ ସମ୍ପ୍ରଦାୟ ୧୧ ଜଣ ସେଠାରେ ରହିଥିବା କିଛି ଜଙ୍ଗଲ ଜମିରେ ଚାଷ କରି ଜୀବିକାନିର୍ବାହ କରୁଥିବା ବେଳେ କେତେକ ଜଣ ମୁଷ୍ଟିମେୟ ବ୍ୟକ୍ତି ସେମାନଙ୍କୁ ଡରାଇ ଜଙ୍ଗଲଜମିକୁ ନିଜ ଅକ୍ତିଆରକୁ ନେଇଥିବା ଅଭିଯୋଗ ଆସିଥିଲା। ଏହାକୁନେଇ କୁନ୍ଦୁରା ଥାନରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ଥାନା ଗୁରୁତ୍ୱ ଦେଉ ନାହିଁ। ଏନେଇ ଜୟପୁର ଉପ ଜିଲାପାଳ, କୁନ୍ଦୁରା ତହସିଲଦାରଙ୍କ ନିକଟରେ ମଧ ଅଭିଯୋଗ ହୋଇଛି ବୋଲି ଆସିଥିବା ଅଭିଯୋଗ ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ସରକାର ପ୍ରତି ବ୍ଲକରେ ଦୁଇଟି ପଞ୍ଚାୟତକୁ ମିଶାଇ ଗୋଟିଏ ସମବାୟ ସମିତି କାର୍ଯ୍ୟାଳୟ କରିବାକୁ ନିଷ୍ପତି ନେଇଛନ୍ତି। ମାତ୍ର କୁନ୍ଦୁରା ବ୍ଲକରେ ଲିମା ସହ ମସିଗାଁକୁ ବଦଳାଇ ଲିମା ସହ ଗୁଣ୍ଠାଳକୁ ନିଆଯାଇଛି। ଏହାକୁ ଲିମା-ମସିଗାଁ କରିବାକୁ ଶିବିରରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିପିଇଓ ସୁରେଶ ହୋତା,ବିଏସ୍‌ଏସ୍‌ଓ ସୁମିତ୍ରା ଖୋରା, ତହସିଲଦାର ଆୟୁବ ମଣ୍ଡଳ, ବନଖଣ୍ଡ ଅଧିକାରୀ ବିଶ୍ୱନାଥ ମାଣ୍ଡିଙ୍ଗାଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆଇସିଡିଏସ୍ ପକ୍ଷରୁ ପୋଷଣ କାର୍ଯ୍ୟକ୍ରମହୋଇଥିଲା। ଏଥିରେଅଙ୍ଗନୱାଡି ମହିଳାମାନେ ସାମିଲ ହୋଇଥିଲେ।



ପୋଷଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଙ୍ଗନୱାଡି ମହିଳା।

